## ବିଧାନସଭାରେ ନାମକୁ ମାତ୍ର ସଦାଚାର କମିଟି!

# ନୀତି ମାନୁନାହାନ୍ତି ନିର୍ଦ୍ଧାରଣକାରୀ

ବଲାଙ୍ଗିର,୧୮।୯(ସିଟି): ଓଡିଶା ବିଧାନସଭା ସଦସ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ଆଚରଣ ବିଧିକୁ ଅଧିକାଂଶ ସଦସ୍ୟ ଖୋଲାଖୋଲି ଭାବେ ଉଲ୍ଲଂଘନ କରୁଥିବା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା ଅଭିଯୋଗ କରିଛନ୍ତି। ଓଡିଶା ବିଧାନସଭା ତଥା ରାଜ୍ୟ ପାଇଁ ନୀତି ନିର୍ଦ୍ଧାରଣ କରାଯାଉଥିବା ଗଣତନ୍ତ୍ରର ମନ୍ଦିରର ସୁପରିଚାଳନା ଓ ଫଳୋତ୍ପାଦକ କରିବା ପାଇଁ ଏବଂ ବିଧାୟକଙ୍କ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ସଦାଚାର କମିଟି ଗଠନ କରାଯାଇଛି। ସଦାଚାର କମିଟି ଗଠନ କରାଯିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ୧୭ଟି ଅଭିଯୋଗ ସଦାଚାର କମିଟିକୁ ଆସିଥିବା ସୂଚନା ଅଧିକାର ଆଇନ ଯୋଗେ ଶ୍ରୀ ପଣ୍ଡାଙ୍କୁ ମିଳିଥିବା ତଥ୍ୟରୁ ଜଣାପଡିଛି। ଚଳିତ ବିଧାନସଭାର ମାତ୍ର ୪ଟି ଅଭିଯୋଗ ବିଚାରାଧୀନ ରହିଥିବା ବେଳେ ବାକି ସମସ୍ତ ଅଭିଯୋଗ ବିଧାନସଭାର କାର୍ଯ୍ୟକାଳ ଅବଧି ଶେଷ ହୋଇଯାଇଥିବାରୁ ବିନା ନିଷ୍ପତ୍ତି ତଥା ବିନା ବିଚାରରେ ଅଭିଯୋଗ ଗୁଡିକର ଆପାତତଃ ସମାପ୍ତି ହୋଇଯାଇଥିବା ବିଧାନସଭା ସଚିବାଳୟ ପକ୍ଷରୁ ମିଳିଥିବା ସୂଚନାରେ ଜଣାପଡିଛି।

ଅଭିଯୋଗ ଗୁଡିକରେ ବିଭିନ୍ନ ସମୟରେ ୬ ଜଣ ବିଧାୟକ ଅଭିଯୁକ୍ତ ଥିବା ବେଳେ ୧୧ଟି ଅଭିଯୋଗ ବିଭିନ୍ନ ଅଧିକାରୀଙ୍କ ବିରୋଧରେ ଆସିଛି। ୨୦୦୬-୦୭ରେ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନୁପ ସାଏଙ୍କ ବିରୋଧରେ ତତ୍କାଳୀନ ସରକାରୀ ମୁଖ୍ୟ ସଚେତକ କିଶୋର ମହାନ୍ତି ଓ ସେହି ବର୍ଷ ବିଜେଡି ବିଧାୟକ ପ୍ରତାପ ଜେନାଙ୍କ ବିରୋଧରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ସତ୍ୟଭୂଷଣ ସାହୁ ଅଭିଯୋଗ ଆଣିଥିଲେ। ୨୦୧୧-୧୨ ମସିହାରେ ବିଧାୟକ ପ୍ରତାପ ଷଡଙ୍ଗୀଙ୍କ ବିରୋଧରେ ବିଧାନସଭାର ପିଟିସନ କମିଟି ବିଷୟରେ ବକ୍ତବ୍ୟକୁ ନେଇ ବିଜେଡି ସଭ୍ୟ ବିଷ୍ଣୁଚରଣ ଦାସ ଅଭିଯୋଗ ଆଣିଥିଲେ। ୨୦୧୫-୧୬ ବର୍ଷରେ ତାରା ପ୍ରସାଦ ବାହିନୀପତିଙ୍କ ବିରୋଧରେ ଅଭିଯୋଗ ବିଚାରାଧୀନ ରହିଛି। ଝାରସୁଗୁଡା ବିଧାୟକ ନବକିଶୋର ଦାସଙ୍କ ଭିଡିଓ ଦେଖା ଅଭିଯୋଗ ମଧ୍ୟ ବିଚାରାଧୀନ ରହିଥିବା ତଥ୍ୟରୁ ସ୍ପଷ୍ଟ ଜଣାପଡିଛି। ବିଧାୟକ ମାନଙ୍କ ପାଇଁ ରହିଥିବା ଆଚରଣ ବିଧି ପୁସ୍ତିକାର ଦ୍ୱିତୀୟ ଅଧ୍ୟାୟର ଧାରା ୩ ର ୨୦ନଂ ଉପଧାରାରେ ସ୍ପଷ୍ଟ ଭାବରେ ବିଧାୟକମାନେ ଗୃହ ଭିତରକୁ ମୋବାଇଲ ଫୋନ ନେବା ପାଇଁ ବାରଣ କରାଯାଇଛି। ପୋଷ୍ଟର, ବ୍ୟାଚ୍ ପରିଧାନକୁ ବାରଣ କରାଯିବା ସହିତ ଜଣେ ସଭ୍ୟ ବକ୍ତବ୍ୟ ପ୍ରଦାନ କରୁଥିବା ବେଳେ ପାଟିତୁଣ୍ଡ କରି ବାଧା ନଦେବା ପାଇଁ ଉଲ୍ଲେଖ ରହିଛି। କିନ୍ତୁ ଆଚରଣବିଧିକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରାଯାଉଛି ବୋଲି ଶ୍ରୀ ପଣ୍ଡା ଅଭିଯୋଗ କରିଛନ୍ତି। ବିଧାନସଭା ମଧ୍ୟରେ ସ୍ଲୋଗାନ ଦେବା ପାଇଁ ବାରଣ କରାଯାଇଥିବା ବେଳେ ବାରମ୍ବାର ସ୍ଲୋଗାନ ଦେଇ ସଭ୍ୟମାନେ ଗୃହର ମର୍ଯ୍ୟାଦା କ୍ଷୁର୍ଣ୍ଣ କରି ଆଦର୍ଶ ଆଚରଣବିଧିକୁ ଉଲ୍ଲଂଘନ କରୁଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ବିଧାନସଭା ସଦସ୍ୟ ମାନଙ୍କ ପାଇଁ ସ୍ଥିରୀକୃତ ସମସ୍ତ ଆଚରଣବିଧି ପାଳନ କରାଗଲେ ଗୃହକୁ ବାସ୍ତବତାରେ ଗଣତନ୍ତ୍ରର ମନ୍ଦିର ଭାବେ ଜନସାଧାରଣ ଗ୍ରହଣ କରିବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ସାଲୁର ଘାଟିରେ ମାଟି ଅତଡ଼ା ଖସିଲା

# ୮ ଘଣ୍ଟା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ

ପଟାଙ୍ଗି,୧୮।୯: କୋରାପୁଟ ଜିଲା ୨୬ନଂ ଜାତୀୟ ରାଜପଥର ଓଡ଼ିଶା ଆନ୍ଧ୍ର ସୀମାନ୍ତ ସାଲୁର୍ ଘାଟିଠାରେ ଗତ ସୋମବାର ରାତିରେ ପାହାଡିଆ ମାଟି ଅତଡା ଧସି ଯାଇଛି। ଫଳରେ ଏଠାରେ ଦୀର୍ଘ ୮ଘଣ୍ଟା କାଳ ପାଇଁ ଗାଡି ଚଳାଚଳ ବନ୍ଦ ରହିଥିଲା। ରାତି ପ୍ରାୟ ୧୨ଟାରେ ଓଡ଼ିଶା ଆନ୍ଧ୍ର ସୀମାନ୍ତ ନାମ ଫଳକଠାରୁ ଶହେ ମିଟର ଦୂରରେ ପାହାଡରୁ ମାଟି ଧସି ରାସ୍ତାରେ ପଡିଥିଲା। ବର୍ଷା ଯୋଗୁଁ ଏଠାରେ ପ୍ରବଳ କାଦୁଅ ହୋଇ ଯାଇଥିଲା। ଏହି ସମୟରେ ଗୋଟିଏ ଟ୍ରକ ସେଠାରୁ ଯିବା ଲାଗି ପ୍ରୟାସ କରିବା ସମୟରେ ଗାଡିଟି କାଦୁଅରେ ଫସି ଯାଇଥିଲା। ଫଳରେ ଓଡ଼ିଶା ଏବଂ ଆନ୍ଧ୍ର ଦେଇ ଆସୁଥିବା ସମସ୍ତ ପ୍ରକାର ଗାଡି ଚଳାଚଳ ବନ୍ଦ ହୋଇ ଯାଇଥିଲା। ଉଭୟ ପାର୍ଶ୍ୱରେ ଶହଶହ ଗାଡି ଅଟକି ରହି ଯାଇଥିଲା। ସୂଚନା ପାଇ ଆନ୍ଧ୍ର ପ୍ରଦେଶର ପାସିପେଣ୍ଟା ପୁଲିସ ଏସ୍ଆଇ ସନ୍ୟାସୀ ନାଇଡୁ ନିଜ ଷ୍ଟାଫଙ୍କ ସହ ଗୋଟିଏ ବ୍ଲେଡ ଟ୍ରାକ୍ଟର ସାହାଯ୍ୟରେ ରାସ୍ତା ସଫା କରିଥିଲେ। ସୁଙ୍କି ଫାଣ୍ଡି ଏସ୍ଆଇ ମନୋଜକୁମାର ପ୍ରଧାନ ମଧ୍ୟ ସୂଚନା ପାଇ ନିଜ ଷ୍ଟାଫଙ୍କ ସହ ଘଟଣାସ୍ଥଳରେ ପହଞ୍ଚିବା ସହ ଉଭୟ ରାଜ୍ୟର ପୁଲିସ ମିଶି ରାସ୍ତା ସଫା କାମ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୮ଟା ୩୦ ରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ବରୁଣ, ଅନୁଷ୍କା ସ୍କିଲ ଇଣ୍ଡିଆ ମିଶନ କ୍ୟାମ୍ପେନର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର/ମୁମ୍ବାଇ, ୧୮।୯ : ବଲିଉଡ ଅଭିନେତା ବରୁଣ ଧାବନ ଓ ଅଭିନେତ୍ରୀ ଅନୁଷ୍କା ଶର୍ମା ସ୍କିଲ ଇଣ୍ଡିଆ ମିଶନ କ୍ୟାମ୍ପେନର ବ୍ରାଣ୍ଡ ଆମ୍ବାସଡର ହେବାପାଇଁ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଖୁବଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଥିବା ବହୁପ୍ରତିକ୍ଷୀତ ସୁଇ-ଧାଗା ଚଳଚିତ୍ରରେ ଏହି ଦୁଇ ଯୋଡି ଭାରତର ଦକ୍ଷତା ଯୁକ୍ତ ମାନବସମ୍ବଳକୁ ସମ୍ମାନିତ କରିବା ପାଇଁ ଆଗେଇ ଆସିଛନ୍ତି। ବିଶେଷ ଭାବରେ ଭାରତର ମାଟି ସହ ଜଡିତ କାରିଗର, ଶିଳ୍ପୀ ଓ ବୁଣାକାର ମାନେ ଯେଉଁମାନେ ଭାରତକୁ ସମଗ୍ର ବିଶ୍ୱରେ ସମ୍ମାନିତ କରିଛନ୍ତି ଏହି କଳାକାର ଯୋଡି ସେମାନଙ୍କୁ ସମ୍ମାନିତ କରିବା ପାଇଁ ଆଗେଇ ଆସିଛନ୍ତି। ସୁଇ-ଧାଗା ଚଳଚିତ୍ରରେ ଧାବନ ଜଣେ ଦର୍ଜୀର ଭୂମିକା ମୌଜୀ ଭାବେ ଅଭିନୟ କରିଛନ୍ତି। ସେହିପରି ଅନୁଷ୍କା ତାଙ୍କ ପତ୍ନୀ ଭୂମିକାରେ ଥିବା ମମତା ନାମରେ ଏମ୍ବ୍ରୋଡୋରୀ କାରିଗର ଭାବେ ଅଭିନୟ କରିଛନ୍ତି। ସେମାନଙ୍କର କଠିନ ପରିଶ୍ରମରେ ବଡ ହେବାକୁ ସ୍ୱପ୍ନ ରଖିଥିବା ଏହି ଯୋଡି ଚଳଚିତ୍ରରେ ଦେଶର କଳା ଓ କାରିଗରୀ କ୍ଷେତ୍ରରେ ଥିବା ବିକାଶର ଅପାର ସମ୍ଭାବନାକୁ ପ୍ରଦର୍ଶିତ କରିଛନ୍ତି।

ସ୍କିଲ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସଡର ଭାବେ ଦୁଇ କଳାକାର ନିଜର ସମୟ ଦେଇ ଦେଶର ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହ ଭାରତର ଯୁବ ପୀଢିର ଦକ୍ଷତା ବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବେ। ଏହା ଉପରେ ନିଜର ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ବରୁଣ ଧାବନ ଓ ଅନୁଷ୍କା ଶର୍ମା ତାଙ୍କର ଚଳଚିତ୍ର ସୁଇ-ଧାଗା ମାଧ୍ୟମରେ ଦେଶର ଅନନ୍ୟ କିନ୍ତୁ ନଜର ଆଢୁଆଳରେ ଥିବା ମାନବସମ୍ବଳର ଦକ୍ଷତାକୁ ଲୋକଙ୍କ ସାମ୍ନାକୁ ଆଣିବାରେ ଏକ ନିଷ୍ଠାପର ଉଦ୍ୟମ କରିଛନ୍ତି। ଏହି ଚଳଚିତ୍ରରେ ବହୁତ ବଡ ସାମାଜିକ ବାର୍ତ୍ତା ରହିଛି। ଭାରତ ବିଶ୍ୱର ଗୋଟିଏ ଯୁବଦେଶ। ଏହି ଯୁବ ପୀଢିର ଦକ୍ଷତା ଓ ଉଦ୍ୟମୀ ହେବାର ଇଚ୍ଛାଶକ୍ତି ଦେଶକୁ ବିଶ୍ୱରେ ଏକ ନୂଆ ପରିଚୟ ଦେବାରେ ସହାୟ ହେବ।



ପ୍ରଧାନମନ୍ତ୍ରୀଙ୍କ ନୂଆ ଭାରତର ସ୍ୱପ୍ନକୁ ଏହି ଦୁଇ ଅଭିନେତା ଯୋଡି ସ୍କିଲ ମିଶନରେ ସାମିଲ ହେବାଦ୍ୱାରା ଅଧିକ ଶକ୍ତି ମିଳିବ। ଉଭୟ ବରୁଣ ଧାବନ ଓ ଅନୁଷ୍କା ଶର୍ମା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍କିଲ ଇଣ୍ଡିଆ ମିଶନକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହା ଭାରତର ଯୁବସମାଜ ଦକ୍ଷ ଓ ସଙ୍ଗଠିତ କରିବା ସହ ଦେଶର ପାରମ୍ପରିକ ଶିଳ୍ପୀ, କଳାକାର ଓ ତତସମ୍ବନ୍ଧୀୟ ମାନବସମ୍ବଳକୁ ଅଧିକ ରୋଜଗାରକ୍ଷମ କରିବା ସହ ଦେଶକୁ ପ୍ରଗତୀର ରାସ୍ତାରେ ନେବ ବୋଲି ଅଭିନେତା ଓ ଅଭିନେତ୍ରୀ ଦ୍ୱୟ ପ୍ରକାଶ କରିଛନ୍ତି।

# ଦୁର୍ଲଭ ମୂର୍ତ୍ତି ଲୁଟ୍ ଯୋଜନା ପଣ୍ଡ; ୭ ଗିରଫ

ନୀଳଗିରି,୧୮।୯(ସ.ପ୍ର): ଦିଲ୍ଲୀରୁ ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳକୁ ଆସି ଗାଁ ଲୋକଙ୍କ ପାଖରୁ ନିସ୍ତୁକ ମାଡ଼ ଖାଇବା ପରେ ଥାନାରେ ଅଟକ ଥିବା ୪ଜଣ ଅଣଓଡ଼ିଆଙ୍କ ସମେତ ଅନ୍ୟ ୨ଜଣ ଓଡ଼ିଆ ଏବଂ ହନୁମାନ ବାବାଙ୍କ ରହସ୍ୟ ସମ୍ବନ୍ଧରେ ଶେଷରେ



ସ୍ଥାନୀୟ ପୁଲିସ ଖୋଳତାଡ଼ କରି ସଫଳତା ପାଇଛି। ଏହି ହନୁମାନ ବାବା ରହସ୍ୟ ପଛରେ ଲୁଚିଥିଲା ଆନ୍ତର୍ଜାତିକ ମୂର୍ତ୍ତିଚୋରି ରାକେଟ। ତେବେ ନୀଳଗିରିରୁ ଦୁର୍ଲଭ ମୂର୍ତ୍ତି ଲୁଟ ପରେ ନରବଳି ଦିଆଯାଇ ମା'ଙ୍କୁ ସ୍ନାନ କରାଯାଇଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି। ମାତ୍ର ୩ଦିନ ପରେ ଏହି ସମସ୍ତ ଘଟଣାର ରହସ୍ୟ ଉନ୍ମୋଚନ କରି ନୀଳଗିରି ପୁଲିସ ୪ଅଣଓଡ଼ିଆଙ୍କ ସମେତ ମୋଟ ୭ଜଣଙ୍କୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ ଦିଲ୍ଲୀର ବିଷ୍ଣୁ ଗାର୍ଡେନ ଅଞ୍ଚଳର କୁଅଁରଜିତ ସିଂ (୫୨), ସରାୟପିପଲ ଥାନା ଅଞ୍ଚଳର ନରେଶ କୁମାର (୨୯), ଭୋଡ଼ୋଲା ଅଞ୍ଚଳର ରାଜ କୁମାର (୩୯), ଦିଲ୍ଲୀରେ ବ୍ୟବସାୟ କରୁଥିବା ହରିୟାଣା ସାନିପଥ ଅଞ୍ଚଳର ରାଜ କୁମାର (୩୭), ଚୌହାନପଟି ଅଞ୍ଚଳର ଶ୍ୟାମ କୁମାର (୩୪) ପ୍ରମୁଖ ୭ଜଣ ଅଣଓଡ଼ିଆ ରବିବାର ରାଜଧାନୀ ଏକ୍ସପ୍ରେସରେ ଓହ୍ଲାଇ ବାଲେଶ୍ୱରର ଏକ ହୋଟେଲରେ ରହିଥିଲେ। ଦିଲ୍ଲୀରେ ଦୀର୍ଘ ବର୍ଷ ହେବ ରହୁଥିବା ଭୁବନେଶ୍ୱର ଅଞ୍ଚଳର ସତ୍ୟଶିବ ପଟ୍ଟନାୟକଙ୍କ ନାଁରେ ଉକ୍ତ ହୋଟେଲ ବୁକିଂ କରାଯାଇଥିଲା। ଏମାନଙ୍କ ସହ ଯୋଗସୂତ୍ର ରଖିଥିବା ଢ଼େଙ୍କାନାଳ ଜିଲା କଙ୍କଡ଼ାଘାଟ ବ୍ଲକ ପାନଗଡିରା ଅଞ୍ଚଳର ଦୀପକ ବେହେରା (୪୦) ଓ ଖନ୍ତାପଡ଼ା ଥାନା ଅଧୀନ ଆମ୍ବୁଡିହା ନିକଟସ୍ଥ ନରହରିପୁର ଅଞ୍ଚଳର ମନ୍ମଥ ମଲିକ (୫୫) ମଧ୍ୟ ସାମିଲ ଥିଲେ। ଉଦେଶ୍ୟ ଥିଲା ନୀଳଗିରି ଅଞ୍ଚଳରେ ଥିବା ବହୁ ପ୍ରାଚୀନ ତଥା ଦୁର୍ଲଭ ସିନ୍ଦୁରଗୌରା ମୂର୍ତ୍ତି ଲୁଟ କରିବେ। ଏନେଇ ସେମାନେ ରବିବାର ରାତିରେ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ରାସ୍ତାର କାନପୁର ଅଞ୍ଚଳକୁ ପଶି ଯାଇଥିଲେ। ସନ୍ଦିଗ୍ଧ ଅବସ୍ଥାରେ ଜଙ୍ଗଲ ପାର୍ଶ୍ୱରେ ପୂଜା ସାମଗ୍ରୀ ଧରି ଘୂରି ବୁଲୁଥିବା ଦେଖି ସ୍ଥାନୀୟ ଶତାଧିକ ଲୋକ ଠେଙ୍ଗାରେ ନିସ୍ତୁକ ଆକ୍ରମଣ କରିଥିଲେ। ଖବରପାଇ ନୀଳଗିରି ପୁଲିସ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଥାନାରେ ଅଟକ ରଖିଥିଲେ। ପ୍ରଥମେ ଏମାନେ ନିଜ ମାନସିକ ପୂରଣ ତଥା ବ୍ୟବସାୟରେ ସିଦ୍ଧିପ୍ରାପ୍ତି କରିବା ଉଦେଶ୍ୟରେ ଦିଲ୍ଲୀରୁ ନୀଳଗିରି ଆସିଥିବା ନେଇ ପୁଲିସକୁ ବୟାନ ଦେଇଥିଲେ। ତେବେ ଏମାନେ ହନୁମାନ ବାବାଙ୍କୁ ଖୋଜୁଥିବା ଏବଂ ସେ ହିଁ ପୂଜାର୍ଚ୍ଚନା କଲେ ସିଦ୍ଧିପ୍ରାପ୍ତି ହେବ ବୋଲି ପୁଲିସକୁ କହିଥିଲେ। ଏହି ଘଟଣାରେ ତଦନ୍ତ କରି ରବିବାର ରାତିରେ ନୀଳଗିରି ବଜାରରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଧୀନ ଡଙ୍ଗମାଳ ଅଞ୍ଚଳର ହନୁମାନ ବାବା ଓରଫ ଓଁକାରନାଥ ବ୍ରହ୍ମଚାରୀ (୫୪) ମଧ୍ୟ ଧରା ପଡ଼ିଥିଲେ। ସୋମବାର ବିଳମ୍ବିତ ରାତିରେ ପୁଲିସ ଥାନାରେ ଅଟକ ଥିବା ଅଭିଯୁକ୍ତଙ୍କୁ ଲଗାତର ଜେରା କରିବା ପରେ ଏହି ଦୁର୍ଲଭ ମୂର୍ତ୍ତି ଡକାୟତି ଯୋଜନା କରିବା ସମ୍ପର୍କରେ ବୟାନ ଦେଇଥିଲେ।

## ପୋଖରୀରେ ବୁଡ଼ି ଛାତ୍ର ମୃତ

ପାଟଣାଗଡ, ୧୮।୯(ନି.ପ୍ର.): ପାଟଣାଗଡ଼ ବ୍ଲକ ଶିଆଳବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଅଷ୍ଟମ ଶ୍ରେଣୀ ଛାତ୍ର ରୂପାନନ୍ଦ ସା(୧୪) ପାଣିରେ ବୁଡି ଯିବାରୁ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଘଟଣାକୁ ନେଇ ଶିଆଳବନ୍ଧ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଗ୍ରାମବାସୀ ଶିକ୍ଷକଙ୍କୁ ବିଦ୍ୟାଳୟରେ ତାଲା ପକାଇବା ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଶିଆଳବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଛାତ୍ରଙ୍କୁ ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ର ରୂପାନନ୍ଦଙ୍କ ସହ ଅନ୍ୟ କେତେଜଣ ମୂର୍ତ୍ତି ପାଇଁ ଯାଇଥିବାବେଳେ ରୂପାନନ୍ଦର ଗୋଡ ପାଣି ଭିତରେ ଫସିଯିବା ସହ ସେ ପାଣିରେ ବୁଡି ଯାଇଥିଲା।

# ପେନ୍‌ସନ ଅଦାଲତରେ ୬୧ଟି ମାମଲା ଫଇସଲା

ଭୁବନେଶ୍ୱର, ୧୮।୯ (ନି.ପ୍ର): ଦୀର୍ଘଦିନ ଧରି ପେନ୍‌ସନ ସମସ୍ୟାରେ ଛନ୍ଦି ହୋଇଥିବା ଅବସରପ୍ରାପ୍ତ ଚାକିରିଆମାନଙ୍କୁ ମୁକ୍ତି ଦେବାପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନ ମହାଲେଖାକାର(ଏଜି) ପକ୍ଷରୁ ମଙ୍ଗଳବାର ସ୍ୱତନ୍ତ୍ର ଭାବେ ପେନ୍‌ସନ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏଜି ସମ୍ମିଳନୀ କକ୍ଷରେ ପ୍ରଥମଥର ପାଇଁ ଅନୁଷ୍ଠିତ ଅଖିଳ ଭାରତ ପେନ୍‌ସନ ଅଦାଲତରେ ୬୧ଟି ଗୁରୁତ୍ୱପୂର୍ଣ୍ଣ ମାମଲା ଫଇସଲା ହୋଇଛି। ଦେଶରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହେଉଥିବା ଏହି ସର୍ବଭାରତୀୟ ପେନ୍‌ସନ ଅଦାଲତରେ ଭାରତୀୟ ପ୍ରଶାସନିକ ସେବା ଓ ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ଓ ଅଭିଯୋଗ ସଂକ୍ରାନ୍ତ ମାମଲାର ଫଇସଲା ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ମହାଲେଖାକାର ଯଶୋଧାରା ରାଏଚୌଧୁରୀ ଏବଂ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ତଥା ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ଉଦ୍‌ଘାଟନ କରି କହିଥିଲେ ଯେ ବିଭିନ୍ନ ବିଭାଗରୁ ଶୀଘ୍ର ସୂଚନା ଓ ତତ୍ ସମ୍ବନ୍ଧୀୟ କାଗଜପତ୍ର ବିଳମ୍ବରେ ଆସୁଥିବାରୁ ପେନ୍‌ସନଧାରୀମାନେ ପ୍ରାପ୍ୟ ତୁରନ୍ତ ପାଉନାହାନ୍ତି। ଯଥା ସମୟରେ ପେନ୍‌ସନ୍ ଫଇସଲା ପାଇଁ ସେମାନଙ୍କ ସହଯୋଗ ରହିବା ଦରକାର ବୋଲି ଶ୍ରୀ ମୀନା କହିଥିଲେ।



ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଖୋଲା ପେନ୍‌ସନ ଅଦାଲତରେ ୪୧ଟି ମାମଲାର ଆପୋସ ସମାଧାନ ହୋଇଛି। ଆସନ୍ତା ମାସକ ମଧ୍ୟରେ ଏହି ଅବସରପ୍ରାପ୍ତ ଚାକିରିଆଙ୍କୁ ପେନ୍‌ସନ ଯୋଗାଇ ଦିଆଯିବ ବୋଲି ଡେପୁଟି ଏକାଉଣ୍ଟ ଜେନେରାଲ୍ ପେନ୍‌ସନ୍ ଡ.ନନ୍ଦ ଦୁଲାଲ ଦାସ ଏବଂ ଅତିରିକ୍ତ ଶାସନ ସଚିବ ସୁଧାଂଶୁ ଶେଖର ଭୂୟାଁ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମହାଲେଖାକାର ବିଭୁଦତ୍ତ ବସନ୍ତିଆ, ଅର୍ଥ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ପି.ସି.ମାଝି, ରାଜ୍ୟ କୋଷାଗାର ନିର୍ଦ୍ଦେଶକ ବି.ପି.ନନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅଦାଲତରେ ମହାଲେଖାକାରଙ୍କ ସଚିବ ସୁଚିତ୍ରା ଭଞ୍ଜ, ଲେଖା ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, ଅକ୍ଷୟ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୩ ଦିନରେ ରେମୁଣା କୃଷକ ମଞ୍ଚର ଧାରଣା

ଭୁବନେଶ୍ୱର,୧୮।୯(ନି.ପ୍ର): ରେମୁଣାର ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ନୂଆପଢ଼ୀ ନରହରିପୁର ଗ୍ରାମ ପଞ୍ଚାୟତର ୯ଟି ଗାଁର ଲୋକଙ୍କୁ ନେଇ ଗଠିତ କୃଷକ ମୋର୍ଚ୍ଚା ପକ୍ଷରୁ ୧୩ ଦିନ ଧରି ଗାନ୍ଧୀମାର୍ଗରେ ଅହୋରାତ୍ର ଧାରଣାରେ ବସିରହିଛନ୍ତି। ମଞ୍ଚ ଏକ ସାମ୍ବାଦିକ ସମ୍ମିଳନୀ କରି ଅଭିଯୋଗ କରିଛି ଯେ ୧୩ ଦିନ ହେବ ସରକାର ସେମାନଙ୍କ କଥା ଶୁଣୁନାହାନ୍ତି। ଯଦି ନ ଶୁଣନ୍ତି ସେମାନେ ଗାନ୍ଧୀମାର୍ଗରେ ଆତ୍ମାହୁତି ଦେବେ। ଯେତେବେଳେ ଜମି ନପାଇ ଓଡିଶାରୁ ବଡ ବଡ କମ୍ପାନୀ ଫେରି ଯାଇଥିଲେ ସେହି ସମୟରେ ରାଜ୍ୟ ସରକାର ୨୦୧୧ ମସିହାରେ ଲ୍ୟାଣ୍ଡ ମାର୍କ ଯୋଜନା ଆରମ୍ଭ କରିଥିଲେ। ସେମାନେ ଚାଷୀଙ୍କ ଠାରୁ ଜମି କିଣି ନିଜ ପାଖରେ ରଖି କମ୍ପାନୀଙ୍କୁ ଡାକି ସେମାନଙ୍କୁ ସହଜରେ ଜମି ଦେବା ଥିଲା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଏବେ ମେକ୍ ଇନ ଓଡ଼ିଶା କାର୍ଯ୍ୟକ୍ରମରେ ପୂର୍ବରୁ ରହିଥିବା ଜମିକୁ ସରକାର କାରଖାନାକୁ ଟେକି ଦେବାକୁ ବସିଛନ୍ତି। ପୂର୍ବରୁ ଅଧିଗ୍ରହଣ ହୋଇଥିବା ୧୦୯୯ ଏକର ଜମିଗୁଡିକ ଦୁଇ ଶିଳ୍ପାନୁଷ୍ଠାନର ମଧ୍ୟଭାଗରେ ରହିଛି। ଜମି ଅଧିଗ୍ରହଣ ୨୦୧୧ ମସିହାରୁ ଲାଗୁ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଜମି ଦେଇଥିବା ଲୋକଙ୍କୁ ସରକାରୀ ଘୋଷଣା ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ଯାହାଦ୍ୱାରା ଜମି ଗୁଡିକ କିଣାବିକା ବନ୍ଦ ହୋଇଯାଇଛି। ସେହିପରି ୨୦୧୭ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ୧୦୯୯ ଏକର ଜମିରେ 'ମେକ୍ ଇନ୍ ଓଡିଶା' କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ଶିଳ୍ପାନୁଷ୍ଠାନ ନିର୍ମାଣ କରି ୧୦ ହଜାର ଲୋକଙ୍କୁ ନିଯୁକ୍ତି ଦିଆଯିବ। ଏହି ବିଷୟରେ ବହୁ ବାର ସରକାରଙ୍କ ପାଖରେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ମଞ୍ଚ ଅଭିଯୋଗ କରିଛି।

# ଲଣ୍ଡନ ଆଇପିଏଲଏଫ ଶୋ'ରେ ଓଡ଼ିଆ ଯୁବକ କୁମାର ଗୁରୁ

ନୂଆଦିଲ୍ଲୀ,୧୮।୯(ନି.ପ୍ର): ଆସନ୍ତା ସେପ୍ଟେମ୍ବର ୩୦ରେ ଲଣ୍ଡନ ଠାରେ ଅନୁଷ୍ଠିତ ହେବାକୁ ଥିବା ଆଇପିଏଲଏଫ ଫେସନ ଶୋ'ରେ ଓଡ଼ିଆ ଯୁବକ ଡକ୍ଟର କୁମାର ଗୁରୁ ମିଶ୍ର ଓଡ଼ିଶାର ଇକତ ବୁଣାକାର ଶୈଳୀକୁ ପ୍ରଦର୍ଶିତ କରିବେ। ର୍‌ୟାମ୍ପରେ ଇକତ ବସ୍ତ୍ର ପରିଧାନ କରି ବିଶ୍ୱ ଦରବାରରେ ଓଡ଼ିଆ କଳାକୁ ଉପସ୍ଥାପନା କରିବେ ବୋଲି ଡକ୍ଟର ମିଶ୍ର 'ସମାଜ'କୁ କହିଛନ୍ତି। ଚଳିତ ବର୍ଷ ଲଣ୍ଡନର ଏହି ଫେସନ ଶୋ'ରେ ପାଶ୍ଚାତ୍ୟ ଲୋକ ଯେଭଳି ଓଡ଼ିଶାର ସ୍ୱଦେଶୀ କଳାକୁ ପରିଧାନ ମାଧ୍ୟମରେ ଆପଣେଇ ପାରିବେ ସେନେଇ ଚେଷ୍ଟା କରାଯିବ। ବିଦେଶରେ ଓଡ଼ିଶା କଳାର ଆଦର ଘଟିଲେ ରାଜ୍ୟର ବୁଣାକାରଙ୍କ ରୋଜଗାର ବୃଦ୍ଧି ଘଟିବ ବୋଲି ଡକ୍ଟର ମିଶ୍ର କହିଛନ୍ତି। ଓଡ଼ିଶାର କଳାକୁ ବିଦେଶରେ ପ୍ରଚାର ଓ ପ୍ରସାର ପାଇଁ ଡକ୍ଟର ମିଶ୍ରଙ୍କ କଲେକସନ ରିଭାଇବାଲକୁ ଚଳିତ ବର୍ଷ ଫେସନ ଶୋ'ର ସ୍ଲୋଗାନ କରାଯିବ ବୋଲି ଆଇପିଏଲଏଫ ତରଫରୁ ଘୋଷଣା କରାଯାଇଛି। ଆସନ୍ତା ଫେସନ ଶୋ'ରେ ଖଦି ସମେତ ଦେଶର ସ୍ୱଦେଶୀ କଳାକୁ ପ୍ରୋତ୍ସାହିତ କରାଯିବ ବୋଲି ସ୍ଥାନୀୟ ପ୍ରେସ କ୍ଲବ ଅଫ ଇଣ୍ଡିଆରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେଭିଆଇସିର ଅଧ୍ୟକ୍ଷ ବିନୟ କୁମାର ସାକସେନା କହିଥିଲେ। ଭୁବନେଶ୍ୱର ନୂଆପଲ୍ଲୀ ଅଞ୍ଚଳର ଡକ୍ଟର କୁମାର ଗୁରୁ ମିଶ୍ର ପେସାରେ ଜଣେ ଏଲୋପାଥିକ ଡାକ୍ତର। ସେ ଏବେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନରେ କାର୍ଯ୍ୟରତ ଅଛନ୍ତି।




# ଛୁଟିରେ ଗଲେ ୮ ୫୦୦ ଡିପ୍ଲୋମା ଇଞ୍ଜିନିୟର

ଭୁବନେଶ୍ୱର,୧୮।୯(ନି.ପ୍ର): ରାଜ୍ୟର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୮୫୦୦ ଡିପ୍ଲୋମା ଇଞ୍ଜିନିୟର ଆଜିଠାରୁ ଛୁଟିରେ ଯାଇଛନ୍ତି। କ୍ୟାଡର ପୁନର୍ଗଠନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଉପ ନିର୍ବାହୀ ଯନ୍ତ୍ରୀ ପଦକୁ ପଦୋନ୍ନତି ହାର ୫୦%କୁ ବୃଦ୍ଧି, କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ୧୭୦୫ ଗ୍ରାମ ପଞ୍ଚାୟତ ଟେକ୍ନିକାଲ ଆସିଷଟାଣ୍ଟଙ୍କୁ କନିଷ୍ଠ ଯନ୍ତ୍ରୀ ପଦରେ ନିୟମିତ କରିବା ଏବଂ ଗ୍ରେଡ ପେ ବୃଦ୍ଧି ଆଦି ୮ ଦଫା ଦାବି ନେଇ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ଦାବି ପୂରଣ ନହେଲେ ସେମାନେ ଛୁଟିରେ ଯିବେ ବୋଲି ପୂର୍ବରୁ ସରକାରଙ୍କୁ ଜଣାଇଥିଲେ।

ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସେମାନେ ଛୁଟିରେ ରହିବେ ବୋଲି ସରକାରଙ୍କୁ ଅବଗତ କରିଛନ୍ତି। ଏହି ଡିପ୍ଲୋମା ଇଞ୍ଜିନିୟରଙ୍କ ମଧ୍ୟରୁ ଜଳସମ୍ପଦ ବିଭାଗରେ ୨୯୨୩ଜଣ, ପୂର୍ତ୍ତ ବିଭାଗରେ ୧୯୧୮, ନଗର ଉନ୍ନୟନ ବିଭାଗରେ ୮୯୨, ପଞ୍ଚାୟତିରାଜ ବିଭାଗରେ ୨୩୦୯ ଏବଂ ଅନ୍ୟାନ୍ୟ ବିଭାଗରେ ୫୦୦ ଜଣ କାର୍ଯ୍ୟ କରୁଛନ୍ତି। ସଂପୃକ୍ତ ଯନ୍ତ୍ରୀମାନେ ଛୁଟିରେ ଯିବା ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ସରକାର ଡିପ୍ଲୋମା ଇଞ୍ଜିନିୟରମାନଙ୍କ ଦାବି ଉପରେ ପଦକ୍ଷେପ ନେଉନଥିବାରୁ ସେମାନେ ୧୮ ତାରିଖରୁ ଛୁଟିରେ ଯାଉଥିବା ନେଇ ଗତ ୧୧ ତାରିଖରେ ବିଧାନସଭାରେ ଶାସକ ବିଧାୟକ ମହେଶ ସାହୁ, ସମୀରରଞ୍ଜନ ଦାଶ, ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ କଂଗ୍ରେସର ତାରାପ୍ରସାଦ ବାହିନୀପତି ପ୍ରମୁଖ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସରକାର ଏହା ଉପରେ ଧ୍ୟାନ ଦେବାକୁ ବାଚସ୍ପତି ରୁଲିଂ ଦେଇଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନଥିବାରୁ ସେମାନେ ଦୀର୍ଘ ଛୁଟିରେ ରହିଛନ୍ତି।

# ୬ ଜମାକାରୀ ଫେରିପାଇଲେ ଅର୍ଥ

କଟକ,୧୮।୯(ବ୍ୟୁରୋ): ରାଜ୍ୟରେ ଚିଟ୍‌ଫଣ୍ଡ ଠକେଇ ଘଟଣାର ତଦନ୍ତ ପାଇଁ ଗଠିତ କମିସନ ଜଷ୍ଟିସ ମଦନମୋହନ ଦାସଙ୍କ ପକ୍ଷରୁ ଷଷ୍ଠ ପର୍ଯ୍ୟାୟ ସତ୍ୟପାଠ ଯାଞ୍ଚ ପ୍ରକ୍ରିୟା ଜୋର୍‌ଦାର ଚାଲିଥିବାବେଳେ ଆଜି ୬ଜଣ ଜମାକାରୀ ଅର୍ଥ ଫେରସ୍ତ ପାଇଛନ୍ତି। ସେହିପରି ୨୪୯ କମ୍ପାନୀର ଠିକଣା ଯୋଗାଇ ଦେବା ପାଇଁ କମିସନଙ୍କ ପକ୍ଷରୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାକୁ ଚିଠି ଲେଖାଯାଇଛି। ମିଳିଥିବା ସୂଚନା ଅନୁସାରେ କମିସନଙ୍କ ଠାରେ ଟ୍ୟୁବ୍ରୋ ହୋଲଡିଂ ଲିମିଟେଡ ସଂସ୍ଥା ହାଜର ହୋଇ ୨ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିଥିଲା। ତେବେ ଏହି କମ୍ପାନୀ ୩ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ଥିବାବେଳେ ପୂର୍ବରୁ ଜଣେ ଜମାକାରୀଙ୍କୁ ଅର୍ଥ ପ୍ରଦାନ କରିଥିଲା। ସେହିପରି ଶୁଭ ଜ୍ୟୋତି ରୟଲକନ ସର୍ଭିସେସ କମ୍ପାନୀ ପକ୍ଷରୁ ୪ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରାଯାଇଛି। ଏହି କମ୍ପାନୀ ୨୩ଜଣ ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ଥିବାବେଳେ ପୂର୍ବରୁ ୧୧ଜଣ ଜମାକାରୀଙ୍କୁ ଅର୍ଥ ପ୍ରଦାନ କରିଥିଲା। ଅବଶିଷ୍ଟ ଜମାକାରୀଙ୍କୁ ଅକ୍ଟୋବର ମାସ ୨୬ତାରିଖରେ ଅର୍ଥ ଫେରସ୍ତ ପାଇଁ କମିସନ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ସତ୍ୟପାଠ ଯାଞ୍ଚ ସମୟରେ ୧୫୫ନୂଆ କମ୍ପାନୀକୁ ଚିହ୍ନଟ କରାଯାଇଛି। ଏହି କମ୍ପାନୀର ଠିକଣା ଯୋଗାଇ ଦେବା ପାଇଁ କମିସନ ଇଓଡବ୍ଲ୍ୟୁକୁ ଚିଠି ଲେଖିଥିବାବେଳେ ପୂର୍ବରୁ ବକେୟା ରହିଥିବା ୮୪ କମ୍ପାନୀର ଠିକଣା ଯୋଗାଇ ଦେବା ପାଇଁ ମଧ୍ୟ କମିସନ ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ଷଷ୍ଠ ପର୍ଯ୍ୟାୟରେ ୨ଲକ୍ଷ ୨୪ହଜାର ୨୫୩ ସତ୍ୟପାଠ ଯାଞ୍ଚ କରାଯିବା ପାଇଁ ଧାର୍ଯ୍ୟ ହୋଇଛି। ୫ଲକ୍ଷ ୯୩ହଜାର ୧୦ାରୁ ୮ଲକ୍ଷ ୧୭ହଜାର ୨୫୩ ସତ୍ୟପାଠ ଯାଞ୍ଚ ଚାଲିଛି। ସେଥି ମଧ୍ୟରେ ଦେଢ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଜମାକାରୀ ରହିଥିବାବେଳେ ୫୬୩ କମ୍ପାନୀଙ୍କୁ ନୋଟିସ ପାଇଁ ଧାର୍ଯ୍ୟ ହୋଇଛି। ତେବେ ଅନେକ କମ୍ପାନୀକୁ ଚିଠି ହୋଇସାରିଲାଣି। ଜୁଲାଇ ୧୩ତାରିଖରେ କମିସନଙ୍କ ପକ୍ଷରୁ ଚିହ୍ନଟ ହୋଇଥିବା କ୍ଷୁଦ୍ର ଜମାକାରୀଙ୍କ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ପଞ୍ଚମ ପର୍ଯ୍ୟାୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଥିଲେ। ୧୦ହଜାରରୁ କମ୍ ପୁଞ୍ଜି ବିନିଯୋଗ କରିଥିବା ୧ଲକ୍ଷ ୧ହଜାର ୮୫୦ କ୍ଷୁଦ୍ର ଜମାକାରୀ ପ୍ରସଙ୍ଗରେ ତଥ୍ୟ ରହିଥିବାବେଳେ ଚିହ୍ନଟ ହୋଇଥିବା ଜମାକାରୀଙ୍କୁ ଅର୍ଥ ଫେରସ୍ତ କରିବା ପାଇଁ ସରକାରଙ୍କୁ ସୁପାରିସ କରାଯାଇଥିଲା। ଅନ୍ୟପକ୍ଷରେ କମିସନଙ୍କ ଠାରେ ପାଖାପାଖି ୮୦ହଜାର ତ୍ରୁଟିପୂର୍ଣ୍ଣ ସତ୍ୟପାଠ ରହିଥିବାବେଳେ ନୂଆ କରି ଦେଢଲକ୍ଷରୁ ଉର୍ଦ୍ଧ୍ୱ ସତ୍ୟପାଠ କମିସନଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାଯାଇଛି। ଏସବୁକୁ କମିସନ ବିଚାରକୁ ନେବା ପାଇଁ ଲକ୍ଷ୍ୟ ରଖିଥିବାବେଳେ କ୍ଷୁଦ୍ର ଜମାକାରୀଙ୍କ ପ୍ରସଙ୍ଗରେ ଆଉ ଗୋଟିଏ କିମ୍ବା ଦୁଇଟି ଅନ୍ତରୀଣ ରିପୋର୍ଟ ପ୍ରଦାନ ପରେ ୧୦ହଜାରରୁ ଉର୍ଦ୍ଧ୍ୱ ଜମାକାରୀ ପ୍ରସଙ୍ଗରେ ସତ୍ୟପାଠ ଯାଞ୍ଚ ପାଇଁ ଧାର୍ଯ୍ୟ ହୋଇଛି।

▸▸ ଚିଟ୍‌ଫଣ୍ଡ କମିସନ
▸▸ ୨୪୯ କମ୍ପାନୀ ଠିକଣା ପାଇଁ ଇଓଡବ୍ଲ୍ୟୁକୁ ଚିଠି

## ଟ୍ରେନରୁ ୨ଟନ୍ ଗୁଟ୍‌ଖା ଜବତ

ରାୟଗଡ଼ା, ୧୮।୯ (ନି.ପ୍ର/ସ.ପ୍ର): ରାୟଗଡ଼ା ଜିଆରପି ପକ୍ଷରୁ ମଙ୍ଗଳବାର ଲକ୍ଷାଧିକ ଟଙ୍କାର ଗୁଟୁଖା ଜବତ ହୋଇଛି। ଏହି ମାମଲାରେ ପୁଲିସ ଜଣକୁ ଗିରଫ କରିଛି। ରାଉରକେଲାରୁ ରାୟଗଡାକୁ ଗୁଟଖା ଆସୁଥିବା ଖବର ପାଇ ଜିଆରପି ତାହା ଜବତ କରିଥିଲା। ଜବତ ଗୁଟଖାର ପରିମାଣ ପାଖାପାଖି ୨ଟନ ହେବ। ହାୱଡା-ଜଗଦଲପୁର ଟ୍ରେନରୁ ଏହାକୁ ଓହ୍ଲାଯିବା ପରେ ଯାଞ୍ଚ ବେଳେ ଜଣାପଡିଥିଲା। ସୂଚନା ଅନୁସାରେ, ରାୟଗଡାର ରାଣୀଗୁଡା ଫାର୍ମରେ ରହୁଥିବା ପ୍ରମୋଦ ସାହୁ ଝାରସୁଗୁଡାରୁ ଗୁଟୁଖା ଆଣି ରାୟଗଡାରେ ପହଞ୍ଚାଉଥିଲା। ମଙ୍ଗଳବାର ସମଲେଶ୍ୱରୀ ଏକ୍ସପ୍ରେସ ଏହି ଟ୍ରେନ ରାୟଗଡା ଷ୍ଟେସନରେ ପହଞ୍ଚିବା ପରେ ଗୋଟିଏ ବଗିରୁ ୨୫ଟି ବଡ ବସ୍ତାକୁ ବ୍ୟବସାୟୀ ଜଣକ ଓହ୍ଲାଇଥିବାବେଳେ ପୁଲିସ ଗୁଟଖା ଜବତ କରାଯାଇଥିଲା।

## ୨୨ରୁ ଆଇଏଲ୍ଏସ୍ ଓ ଆରଏମ୍ଆରସି ପକ୍ଷରୁ ଦୁଇଦିନିଆ ବିଜ୍ଞାନ ପ୍ରଦର୍ଶନୀ

# ଆରଏମ୍ଆରସିରେ ଆରମ୍ଭ ହେଲା ମାଷ୍ଟର ଇନ୍ ପବ୍ଲିକ୍ ହେଲ୍‌ଥ ପାଠ୍ୟକ୍ରମ

ଭୁବନେଶ୍ୱର,୧୮।୯(ଭୁ.ପ୍ର): ଚଳିତ ମାସ ୨୨ ଓ ୨୩ ତାରିଖରେ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ଓ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମ୍ଆରସି)ର ମିଳିତ ଆନୁକୂଲ୍ୟରେ ବିଜ୍ଞାନ ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଚନ୍ଦ୍ରଶେଖରପୁରସ୍ଥିତ ଆଇଏଲଏସ୍ କ୍ୟାମ୍ପସ୍ ଏବଂ ଆରଏମ୍ଆରସି ଓପିଡି ସେଣ୍ଟର ଠାରେ ଆୟୋଜିତ ହେବାକୁ ଥିବା ଏହି ପ୍ରଦର୍ଶନୀକୁ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ବୁଲି ଦେଖି ପାରିବେ।

ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆଇଏଲ୍ଏସ୍‌ର ନିର୍ଦ୍ଦେଶକ ଡ଼ଃ ଅଜୟ ପରିଡ଼ା କହିଛନ୍ତି, ଆମେ କର୍କଟରୋଗ, ସଂକ୍ରମଣ ତଥା ଉଦ୍‌ଭିଦ ବିଜ୍ଞାନକୁ ନେଇ ବିଭିନ୍ନ ପ୍ରକାର ଗବେଷଣା କରୁଛୁ। ଏହି ଗବେଷଣାଲବ୍ଧ ଜ୍ଞାନ ଓ ସୂଚନା ରୋଗର ସଫଳ ଚିକିତ୍ସା କ୍ଷେତ୍ରରେ ସହାୟକ ହେଉଛି। ତେଣୁ ଏସବୁ କାର୍ଯ୍ୟକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଆମେ ଦୁଇଦିନ ଧରି ଏଠାରେ ପ୍ରଦର୍ଶନୀର ଆୟୋଜନ କରୁଛୁ। ୨୨ ତାରିଖ ଦିନ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୦୦ ଛାତ୍ରଛାତ୍ରୀ ଆସି ପ୍ରଦର୍ଶନୀ ଓ ଆମର ଗବେଷଣା କେନ୍ଦ୍ର ବୁଲି ଦେଖିବାର ସୁଯୋଗ ପାଇବେ। ଏଥିସହ ସେମାନେ ଆମର ବିଶେଷଜ୍ଞ ଓ ଗବେଷକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ମଧ୍ୟ ସୁଯୋଗ ପାଇବେ। ଗବେଷଣା ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ଦିଗରେ ଏପରି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଡ଼ଃ ପରିଡ଼ା କହିଛନ୍ତି। ଆରଏମ୍ଆରସି ନିର୍ଦ୍ଦେଶକ ଡ଼ଃ ସଂଘମିତ୍ରା ପତି କହିଛନ୍ତି, ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ ଏବଂ ବିଭାଗୀୟ ସଚିବ ନିକୁଞ୍ଜ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଜ୍ଞାନ ତଥା ଗବେଷଣା ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ଉତ୍କଣ୍ଠା ରହିଥିଲେ ସୁଦ୍ଧା ଏସମ୍ପର୍କରେ ଅଧିକ ସୂଚନା ପାଇବା ଏବଂ ନିଜକୁ ଏଥିପାଇଁ ପ୍ରସ୍ତୁତ କରିବା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ତେଣୁ ଦୁଇଦିନ ଧରି ଏଠାରେ ଚାଲିବାକୁ ଥିବା ବିଜ୍ଞାନ ପ୍ରଦର୍ଶନୀ ଏଥିପାଇଁ ସେମାନଙ୍କୁ ସୁଯୋଗ ପ୍ରଦାନ କରିବ। ସେହିପରି ଆରଏମ୍ଆରସିରେ ଆମେ ଡେଙ୍ଗୁ, ମାଲେରିଆ, କିଡ୍‌ନୀ ଭଳି ଅନେକ ରୋଗ ସମ୍ପର୍କରେ କିପରି ଗବେଷଣା କରୁଛୁ, ଏହି ଗବେଷଣା କିପରି ମାନବ ସମାଜ କାମରେ ଆସୁଛି ତାହା ଜନସାଧାରଣ ଜାଣି ପାରିବେ। ଡ଼ଃ ପତି କହିଥିଲେ ଯେ କଳାହାଣ୍ଡି ଓ ରାୟଗଡ଼ାରେ ଆରଏମଆରସିର ଦୁଇଟି ଆଦିବାସୀ ଫିଲ୍ଡ ୟୁନିଟ୍ ରହିଛି, ଯେଉଁଠାରେ ବିଭିନ୍ନ ପ୍ରକାର ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଗବେଷଣା କରୁଛି। ସେହିପରି ତିଗିରିଆ ଠାରେ ଏକ ଆଧୁନିକ ଗ୍ରାମ୍ୟ ସ୍ୱାସ୍ଥ୍ୟ ଗବେଷଣା କେନ୍ଦ୍ର ରହିଛି ଯାହା ଏବେ ମୁଖ୍ୟତଃ କିଡ୍‌ନୀ ଜନିତ ରୋଗ ସମ୍ପର୍କରେ ଗବେଷଣା କରୁଛି। ଆଉ ଦୁଇମାସ ମଧ୍ୟରେ ଆମେ ଏହାର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବୁ। ଅପରପକ୍ଷେ ଚଳିତ ବର୍ଷ ଠାରୁ ଆରଏମ୍ଆରସିରେ ମାଷ୍ଟର ଇନ୍ ପବ୍ଲିକ୍ ହେଲ୍‌ଥ୍ ପାଠ୍ୟକ୍ରମ ଆରମ୍ଭ କରିଛୁ। ଉକ୍ତ ଦୁଇବର୍ଷିଆ ପାଠ୍ୟକ୍ରମରେ ୩୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି ଏବଂ ଆମେ ସେମାନଙ୍କୁ ଶ୍ରେଣୀଗୃହରେ ଶିକ୍ଷାଦାନ ସହିତ ଗବେଷଣା ଓ କ୍ଷେତ୍ର ଉପରେ ଅଭିଜ୍ଞତା ହାସଲ ପାଇଁ ସୁଯୋଗ ଦେବୁ।